ଉପଯୁକ୍ତ ଉଦ୍ୟୋଗ, ଉତ୍ତମ ଉପାର୍ଜନ

# ମୁକ୍ତ ଅଗଣାରେ କୁକୁଡା ପାଳନ



KRISHI VIGYAN KENDRA
*Boudh*
Odisha University of Agriculture and Technology
*Bhubaneswar*

ICAR




ବୌଦ୍ଧ ଓଡ଼ିଶାର ଏକ ଜିଲ୍ଲା । ଶିଳ୍ପ ବିହୀନ ଏହି ଜିଲ୍ଲାର ଅଧିବାସୀ ମୁଖ୍ୟତଃ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ । ପ୍ରାୟ ୯୦ ଭାଗ ଅଞ୍ଚଳ ଗ୍ରାମାଞ୍ଚଳରେ ଥିବା ବେଳେ ଅଧିକାଂଶ ଅଧିବାସୀମାନେ ନାମମାତ୍ର ବା ଭୂମିହୀନ ଚାଷୀ । ତେଣୁ ଅର୍ଥନୀତି ଓ ସାମାଜିକ ସ୍ତରରେ ଅଧିକାଂଶ ଲୋକ ଦୁର୍ବଳ, ଅନେକ ସମୟରେ ମଧ୍ୟ ଉପଯୁକ୍ତ କର୍ମ ସଂସ୍ଥାନର ଅଭାଗ ରହିଥାଏ । ସେଥିପାଇଁ ଅଧିକ ରୋଜଗାର ଆଶାରେ ସେମାନେ ଅନ୍ୟ ଜିଲ୍ଲା ବା ରାଜ୍ୟକୁ ଶ୍ରମିକ ହିସାବରେ ଯିବାକୁ ବାଧ୍ୟ ହୋଇଥାନ୍ତି । ତେଣୁ ଆୟକୁ ଦ୍ୱିଗୁଣିତ ବା ତ୍ରିଗୁଣିତ କରିବା ପାଇଁ ଚାଷ ଜମି ବାଦ୍ ଆନୁସଂଙ୍ଗିକ କ୍ଷେତ୍ର ଯଥା ପଶୁପାଳନ, ମତ୍ସ୍ୟଚାଷ, ଛତୁ ଚାଷ, ମହୁମାଛି ପାଳନ ଇତ୍ୟାଦି ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

ବୌଦ୍ଧରେ ପ୍ରାୟ ୬୦ ଭାଗ ପାଖାପାଖି ଆଦିବାସୀ ଶ୍ରେଣୀର ଏବଂ ଅନ୍ୟାନ୍ୟ ପଛୁଆ ବର୍ଗରେ ମଧ୍ୟ ୩୫ ଭାଗ ଲୋକ ଅନ୍ତର୍ଭୁକ୍ତ । ସେମାନଙ୍କର ପାରମ୍ପରିକ ଓ କୌଳିକ ବୃତ୍ତି ହିସାବରେ ଦେଶୀ କୁକୁଡ଼ା ପାଳନ ଉପାର୍ଜନର ଏକ ପ୍ରମୁଖ ମାଧ୍ୟମ । ଏହା କେବଳ ଅନୁନ୍ନତ ଏବଂ ଜମିବିହୀନଙ୍କ ନୁହେଁ, ମଧ୍ୟବିତ୍ତ ଏବଂ ଉଚ୍ଚ ମଧ୍ୟବିତ୍ତ ପରିବାରମାନେ ମଧ୍ୟ ଆଦୃତ କରିଥାନ୍ତି । ଏହି ଦେଶୀ କୁକୁଡ଼ା ପାଳନ ତତ୍କ୍ଷଣାତ୍ ଆୟର ଏକ ମୁଖ୍ୟ ଉତ୍ସ । ଦରକାର ସମୟରେ ରୋଜଗାର ପାଇବା ପାଇଁ ଏହା ବହୁତ ସାହାଯ୍ୟ କରିଥାଏ ତଥା ନିଜ ଭାତ ଥାଳିରେ ମଧ୍ୟ ଏକ ତରକାରୀ ହିସାବରେ ପୌଷ୍ଟିକ ଉପାଦାନ ଦେବାକୁ ସକ୍ଷମ ହୋଇଥାଏ ।




ବୌଦ୍ଧ ଦୁଇଟି ସବ୍ ଡିଭିଜନ ଯଥା ହରଭଂଗା ଏବଂ ବୌଦ୍ଧ ଅଞ୍ଚଳରେ ଏହି ଖୋଲା ଅଗଣାରେ ଦେଶୀ କୁକୁଡ଼ା ପାଳିବାର ଯଥେଷ୍ଟ ଚାହିଦା ରହିଛି । ଏହି ଅଞ୍ଚଳରେ ପ୍ରାକୃତିକ ଖାଦ୍ୟରେ ପରିପୂର୍ଣ୍ଣ ଇଲାକା ଅଧିକାଂଶ ଲୋକଙ୍କ ବାଡିପଟେ ପ୍ରଶସ୍ତ ଜମି ଥିବାବେଳେ ବିସ୍ତୀର୍ଣ୍ଣ ଖୋଲା ଜାଗା ରହିଛି ଯାହା କୁକୁଡ଼ାମାନଙ୍କ ବୁଲବା ପାଇଁ ଯଥେଷ୍ଟ ସହାୟତା ଦେଇଥାଏ । ଏହି ଦେଶୀ କୁକୁଡ଼ାର ବଜାର ଚାହିଦା ଯଥେଷ୍ଟ ଅଧିକ, ଯଦିଓ ଏହାର ଉତ୍ପାଦିକତା ଶକ୍ତି କମ୍ ଏବଂ ପରିଚାଳନାଗତ ତ୍ରୁଟି କାରଣରୁ ଅନେକ ସମୟରେ ସମୁହ ମୃତ୍ୟୁ ମୁଖରେ ପଡିଥାନ୍ତି, କିନ୍ତୁ ଏ ବର୍ଗଟିକୁ ଯଥେଷ୍ଟ ଦୃଷ୍ଟି ଦେଲେ ଏହି ଦେଶୀ କୁକୁଡ଼ା ପାଳନ ଏକ ଉତ୍ତମ ଉପାର୍ଜନର ଉପଯୁକ୍ତ ଉଦ୍ୟୋଗ ହିସାବରେ ବୌଦ୍ଧ ଜିଲ୍ଲାର ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିପାରିବ ।




ଏହି ଦେଶୀ କୁକୁଡ଼ା ସହିତ ଅଧିକ ଉତ୍ପାଦନକ୍ଷମ ମୁକ୍ତ ଅଗଣାରେ ବଢ଼ି ପାରୁଥିବା ଉନ୍ନତମାନର ପ୍ରଜାତି ଯଥା ବନରାଜା, ପଲ୍ଲିଶ୍ରୀ, କଡକନାଥ, ରେନ୍‌ବୋ ରୋଷ୍ଟର, ଅସିଲ ଓ କଳିଙ୍ଗ ବ୍ରାଉନ୍ ଆଦି କୁକୁଡ଼ା ପାଳନକୁ ମଧ୍ୟ ପ୍ରୋତ୍ସାହିତ କରାଯାଇପାରିବ । ଏହା ଉଭୟ ଅଣ୍ଡା ଏବଂ ମାଂସ ଉତ୍ପାଦନ ପାଇଁ ଉପଯୁକ୍ତ, ଯାହା ସମାନ୍ତରାଳ ଭାବେ ଦେଶୀ କୁକୁଡ଼ା ସହିତ ପାଳନ କରାଯାଇପାରିବ । ଦେଶୀ କୁକୁଡ଼ା ସାଧାରଣତଃ ବର୍ଷକୁ ୧୫ ରୁ ୨୦ଟି ଅଣ୍ଡା ଦେଉଥିବା ବେଳେ ଅଣ୍ଡିରା କୁକୁଡ଼ା ୬ ମାସରେ ୧.୫କି.ଗ୍ରା. ରୁ ୨କି.ଗ୍ରା. ପର୍ଯ୍ୟନ୍ତ ହୋଇଥାଏ । କିନ୍ତୁ ଉନ୍ନତ ପ୍ରଜାତିର କୁକୁଡ଼ାମାନେ ବର୍ଷକୁ ୧୫୦ରୁ ୨୦୦ ଟି ଅଣ୍ଡା ଦେଉଥିବା ବେଳେ ୩ ମାସରେ ୧.୫କି.ଗ୍ରା. ରୁ ୨ କି.ଗ୍ରା. ପର୍ଯ୍ୟନ୍ତ ମାଂସ ମିଳି ପାରିଥାଏ ।

ଏହାକୁ ଦୃଷ୍ଟିରେ ରଖି ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଦେଶୀ କୁକୁଡ଼ା ସହିତ ଉନ୍ନତ ପ୍ରଜାତିର କୁକୁଡ଼ାର ଚିଆଁ ପରିପାଳନ (Brooding) କରି ୨୧ ରୁ ୨୮ ଦିନିଆ ଚିଆଁ ହିସାବରେ ମଧ୍ୟ ଯୋଗାଇ ଦିଆଯାଉଛି । ଏହା ସହିତ ମୃତ୍ୟୁହାରକୁ ରୋକା ଯାଇ କିପରି ଅଧିକ ଅଣ୍ଡା ଓ ମାଂସ ଉତ୍ପାଦନ ହୋଇପାରିବ, ତାହାକୁ ଉପଯୁକ୍ତ ପରିଚାଳନା ମାଧ୍ୟମରେ ଦୃଷ୍ଟି ଦିଆଯାଉଛି ।

## କୁକୁଡାମାନଙ୍କର ପ୍ରତିଷେଧକ ବ୍ୟବସ୍ଥା

- ପ୍ରଥମରେ କୁକୁଡାମାନଙ୍କୁ ଘରେ ଛାଡିଲାପରେ ପାଣିର ଆବଶ୍ୟକତା ହୋଇଥାଏ । ଏହି ଜଳରେ ଇଲେକ୍ଟ୍ରୋଲାଇଟ, ଭିଟାମିନ୍ ଗ, ଆଣ୍ଟିବାୟୋଟିକ୍ ଏବଂ ଲିଭର ଟନିକ୍ ଇତ୍ୟାଦି ମିଶାଇ ଦେବା ଉଚିତ୍ ।
- କୁକୁଡାମାନଙ୍କୁ କୃମିନାଶକ ଔଷଧ ପ୍ରତି ୨-୩ ମାସ ବ୍ୟବଧାନରେ ଥରେ ଦେବା ଦରକାର ।
- ମ୍ୟାରେକ୍ସ, ରାଣୀକ୍ଷେତ, ଗୁମ୍ବୋର, କୁକୁଡା ବସନ୍ତ, IB ଇତ୍ୟାଦି ଜୀବାଣୁ ଜନିତ ରୋଗର ପ୍ରତିଷେଧକ ବ୍ୟବସ୍ଥା ନେବା ନିତାନ୍ତ ଜରୁରୀ ।
- କୁକୁଡାଙ୍କ ନାଳ ରକ୍ତ ଝାଡା ରୋଗପାଇଁ ଆମ୍ପ୍ରୋସଲ ଔଷଧର ବ୍ୟବହାର କରାଯାଇପାରେ ।
- ଜଳ ଜନିତ ରୋଗରୁ ରକ୍ଷା ପାଇବା ପାଇଁ ଜଳ ବିଶୋଧନ କରିବା ଉଚିତ୍
- ସର୍ବୋପରି କୁକୁଡା ଘରକୁ ପରିଷ୍କାର ରଖିବା, ଫଳରେ ଆମେ କୁକୁଡାମାନଙ୍କୁ ଅନେକ ସଂକ୍ରମଣ ରୋଗରୁ ରକ୍ଷା କରିପାରିବା ।

## କୁକୁଡାମାନଙ୍କୁ ଟୀକାକରଣ ସମୟରେ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରିବା ଦରକାର

- ଟୀକାଗୁଡିକୁ ସଠିକ୍ ବା ନିର୍ଦ୍ଧାରିତ ବୟସର କୁକୁଡାମାନଙ୍କୁ ଦେବା ।
- ଉପଯୁକ୍ତ ପ୍ରଣାଳୀ ଅନୁସରଣକରି ନିର୍ଦ୍ଦିଷ୍ଟ ଅଙ୍ଗରେ ଟୀକାକରଣ କରିବା ।
- ଟୀକାକରଣ ସର୍ବଦା ସକାଳେ ବା ସନ୍ଧ୍ୟାରେ କରିବା ।
- ରୋଗ ସମୟରେ ଟୀକାକରଣ ଅନୁଚିତ୍ ।
- ଉପଯୁକ୍ତ ମାତ୍ରାରେ ଟୀକାକରଣ କରିବା ଦରକାର ।
- ସର୍ବଦା ଟୀକାଗୁଡିକ ବରଫରୁ ୪°C ରୁ ୮°C ମଧ୍ୟରେ ରଖିବା ।
- ଟୀକାକରଣ ସମୟରେ ସୂର୍ଯ୍ୟକିରଣ ଟୀକା ଉପରେ ନପଡିବା ଉଚିତ୍ ।
- ଜୀବନ କାଳ (Expiry Date) ସରିଯାଇଥିବା ଟୀକା ବ୍ୟବହାର କରିବା ଅନୁଚିତ୍ ।
- ଟୀକା ଗୁଡିକ ଉପଯୁକ୍ତ ଦ୍ରାବକରେ ମିଶାଇବା ପରେ ୩ ଘଣ୍ଟା ମଧ୍ୟରେ ବ୍ୟବହାର କରିବା ଉଚିତ୍ ।

ଜୀବାଣୁ ଜନିତ ରୋଗ ଯଥା ରାଣୀକ୍ଷେତ, କୁକୁଡା ବସନ୍ତ, ଗୁମ୍ବୋର, ମ୍ୟାରେକ୍ସ ଏବଂ IB ଇତ୍ୟାଦି ରୋଗରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ପ୍ରତିଷେଧକ ଟୀକାର ବ୍ୟବସ୍ଥା କରିବା ଦରକାର ।

### ପ୍ରତିଷେଧକ ଟୀକାର ସମୟ ସାରଣୀ :

| ବୟସ | ରୋଗ | ଟୀକା | ବ୍ୟବହାର ସ୍ଥାନ |
|---|---|---|---|
| ୧ମ ଦିନ | ମ୍ୟାରେକ୍ସ | ମ୍ୟାରେକ୍ସ ଟୀକା | ଚମଡା ତଳେ |
| ୫-୭ ଦିନ | ରାଣୀକ୍ଷେତ ରୋଗ | (Lasota)ଟୀକା | ଆଖିରେ ବା ନାକରେ ୧ ବୁନ୍ଦା |
| ୧୨-୧୪ ଦିନ | ଗୁମ୍ବୋର | ଗୁମ୍ବୋର ଟୀକା | ଆଖିରେ ବା ନାକରେ ୧ ବୁନ୍ଦା |
| ୨୨-୨୪ଦିନ | ଗୁମ୍ବୋର | ଗୁମ୍ବୋର ଟୀକା | ପିଇବା ପାଣିରେ |
| ୨୫-୨୮ ଦିନ | ରାଣୀକ୍ଷେତ | (Lasota)ରାଣୀକ୍ଷେତ ଟୀକା | ପିଇବା ପାଣିରେ |
| ୬ଷ୍ଠ ସପ୍ତାହ | କୁକୁଡା ବସନ୍ତ | କୁକୁଡା ବସନ୍ତ ଟୀକା | ଚମଡାରେ ବା ମାଂସ ପେଶୀରେ |
| ୭ମ ସପ୍ତାହ | IB | IB ଟୀକା | ପିଇବା ପାଣିରେ |
| ୯ମ ସପ୍ତାହ | ରାଣୀକ୍ଷେତ | ରାଣୀକ୍ଷେତ ଟୀକା (Lasota) | ୧ ବୁନ୍ଦା ପାଟିରେ |
| ୧୦ମ ସପ୍ତାହ | ରାଣୀକ୍ଷେତ | ରାଣୀକ୍ଷେତ ଟୀକା ($R_2B$) | ଚମଡା ତଳେ ବା ମାଂସ ପେଶୀରେ |
| ୧୧ତମ ସପ୍ତାହ | IB | IB ଟୀକା | ୧ ବୁନ୍ଦା ପାଟିରେ |
| ୧୨ତମ ସପ୍ତାହ | କୁକୁଡା ବସନ୍ତ | କୁକୁଡା ବସନ୍ତ ଟୀକା | ଚମଡାରେ ବା ମାଂସ ପେଶୀରେ |
| ୧୭-୧୮ ସପ୍ତାହ | ରାଣୀକ୍ଷେତ | ରାଣୀକ୍ଷେତ ଟୀକା ($R_2B$) | ଚମଡା ତଳେ ବା ମାଂସ ପେଶୀରେ |


ସଂପାଦନା

ଶ୍ରୀଯୁକ୍ତ ତପନ କୁମାର ଦାସ (ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ)

ବିଷୟବସ୍ତୁ

ଶ୍ରୀଯୁକ୍ତ ତପନ କୁମାର ଦାସ (ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ) | ଶ୍ରୀମତୀ ସୁସ୍ମିତା ପ୍ରିୟଦର୍ଶିନୀ (ବିଷୟବସ୍ତୁ ବିଶେଷଜ୍ଞ, ଶସ୍ୟ ବିଜ୍ଞାନୀ)

ମୟୁରୀ ସିଂ ସରଦାର, ବିଷୟବସ୍ତୁ ବିଶେଷଜ୍ଞ (କୃଷି ସମ୍ପ୍ରସାରଣ) | ବିକ୍ରମ କେଶରୀ ପରିମାଣିକ (କାର୍ଯ୍ୟକ୍ରମ ସହାୟକ, ବନ ବିଜ୍ଞାନ)

ଯୋଗାଯୋଗ : କୃଷିବିଜ୍ଞାନ କେନ୍ଦ୍ର, ବୌଦ୍ଧ, ପାଲଝର, ସାଲୁଙ୍କି, ସରସରା, ବୌଦ୍ଧ - ୭୬୨୦୨୬

E-mail: kvkboudh.ouat@gmail.com